## ସମ୍ଭାବିତ ପ୍ରଶ୍ନାବଳୀ - ଓଡ଼ିଆ (୩୦୫)

## (ବିଭାଗ - କ)

**୧. ଯେ କୌଣସି କୋଡିଏ (୨୦ଟି) ପ୍ରଶ୍ନର ଉତ୍ତର ଦିଅ ।** (୧x୨୦ = ୨୦)

(କ) ମଣିଷର ସମୟ ଓ ଦୂରତ୍ୱର ସମସ୍ୟାକୁ କିଏ ହ୍ରାସ କରିଛି?

i) ଦେବତା ii) ବିଜ୍ଞାନ

iii) ଭାଗ୍ୟ iv) ଯନ୍ତ୍ର

(ଖ) କେଉଁଟି ଦେବ ଭାଷା ଅଟେ?

i) ତାମିଲ ii) ସଂସ୍କୃତ

iii) ହିନ୍ଦୀ iv) ଇଂରାଜୀ

(ଗ) ବନ୍ଦନା କରି ଅୟୁତ ଦଣ୍ଡବତ କବି କାହାକୁ ଜଣାଇଛନ୍ତି?

i) ମାମୁଁଘରକୁ ii) ଗ୍ରାମପଥକୁ

iii) ଗ୍ରାମବଧୂକୁ iv) ଗ୍ରାମବାସୀଙ୍କୁ

(ଘ) 'ଭୂତମାନେ କ'ଣ କରନ୍ତି' ବିଷୟର ଲେଖକଙ୍କ ନାମ କ'ଣ?

i) ପଞ୍ଚାନନ ମିଶ୍ର ii) ଗଣେଶ୍ୱର ମିଶ୍ର

iii) ସର୍ବେଶ୍ୱର ମିଶ୍ର iv) ମନମୋହନ ମିଶ୍ର

(ଙ) ତୋଷାମଦ ନାମକ ଅନ୍ଧାର ଗୋହିରୀରେ କିଏ ଲୁଚି ବସିଥାଏ?

i) ଭୂତ ii) ଖଣ୍ଟ

iii) ହିଂସ୍ରଜନ୍ତୁ iv) ସ୍ୱାର୍ଥ

(ଚ) ଉନ୍ନତ ଚିନ୍ତାଧାରାର ପ୍ରକାଶ ମାଧ୍ୟମ କ'ଣ ଅଟେ?

i) ଇତିହାସ ii) ନାଟକ

iii) ବିଜ୍ଞାନ iv) ସାହିତ୍ୟ

(ଛ) ଶିଶୁଟିଏ ଶ୍ରମିକ ହେବ ପଛପଟେ କେଉଁ କାରଣ ନିହିତ ଥାଏ?

i) ରାଜନୀତି ii) ସାମାଜିକ

iii) ଆର୍ଥନୀତିକ iv) ଧାର୍ମିକ

(ଜ) ମରିଯାଇଥିବା ଲାଇବ୍ରେରୀ ପିଅନର ନାମ ____________?

i) ଅଗାଧୁ ii) ଆକୁଳି

iii) ଦୀନବନ୍ଧୁ iv) ବିକାଶ

(ଝ) ଭୀଷ୍ମଙ୍କୁ ଉପଦେଶ ବିଷୟଟି ମହାଭାରତର ___________ ପର୍ବର ଅଂଶ ବିଶେଷ?

i) ଆଦିପର୍ବ ii) ସଭାପର୍ବ

iii) ଶାନ୍ତି ପର୍ବ iv) ଗଦା ପର୍ବ

(ଞ) ରାୟବାହାଦୁରଙ୍କ ବୋହୂର ନାମ ________?

i) ସ୍ୱପ୍ନା ii) ଅନ୍ନପୂର୍ଣ୍ଣା

iii) ଅପର୍ଣ୍ଣା iv) ଅନୁପମା

(ଟ) ପ୍ରତ୍ୟେକ ଜନ୍ତୁର ଖୋଳପା ଭିତରେ ଏକ __________ ରହିଛି?

i) ମାଂସ ii) ହାଡ

iii) ଇଞ୍ଜିନ iv) ରକ୍ତ

(ଠ) ଭାରତ ଏକ ________ ପ୍ରଧାନ ଦେଶ?

i) ରାଜନୀତି ii) ପରଂପରା

iii) ବ୍ୟବସାୟ iv) ଅର୍ଥ

(ଡ) __________ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୋଇଥିଲେ?

i) ଗୌତମ ବୁଦ୍ଧ ii) ଅଶୋକ

iii) ମହେନ୍ଦ୍ର iv) କଳିଙ୍ଗ ସମ୍ରାଟ

(ଢ) ସାଂପ୍ରତିକ ବିଶ୍ୱ ପାଇଁ _________ ଏକ ବିଶେଷ ସମସ୍ୟା ହୋଇ ଦେଖାଦେଇଛି?

i) ପେଟ୍ରୋଲ ii) ଖାଦ୍ୟଶସ୍ୟ

iii) ସ୍ୱାସ୍ଥ୍ୟ iv) ପରିବେଶ ସୁରକ୍ଷା

(ଣ) 'ପତାକା ଉତ୍ତୋଳନ' ଗଳ୍ପର ଗାଳ୍ପିକ କିଏ?

i) ଗୋଦାବରୀଶ ମହାପାତ୍ର ii) ସୁରେନ୍ଦ୍ର ମହାନ୍ତି

iii) ସଚ୍ଚି ରାଉତରାୟ iv) ସଦାଶିବ ମିଶ୍ର

(ତ) ପ୍ରତି ବର୍ଷ ମାର୍ଚ୍ଚ ୮ ତାରିଖକୁ କେଉଁ ଦିବସ ରୂପେ ପାଳନ କରାଯାଏ?

i) ଆନ୍ତର୍ଜାତିକ ମହିଳା ଦିବସ ii) ଆନ୍ତର୍ଜାତିକ ନ୍ୟାୟ ଦିବସ

iii) ଆନ୍ତର୍ଜାତିକ ପୁରୁଷ ଦିବସ iv) କେଉଁଟି ନୁହେଁ

(ଥ) ପ୍ରତୀଚୀର ଅର୍ଥ କ'ଣ?

i) ପ୍ରତ୍ୟୟ ହେବ ii) ଦେଖାଯିବା

iii) ପୂର୍ବ ଦିଗ iv) ପଶ୍ଚିମ ଦିଗ

(ଦ) ପଙ୍କରୁ କାହାର ସୃଷ୍ଟି?

i) ପଦ୍ମ ii) ଶେଫାଳି

iii) ମୁକ୍ତା iv) ମୋତି

(ଧ) ପୃଥିବୀ ସମ ସହନଶୀଳ କିଏ?

i) ଗ୍ରାମପଥ ii) ପଡିଆ ଜମି

iii) ଆକାଶ iv) ଗ୍ରାମବଧୂ

(ନ) ଧାନ କ୍ଷେତେ ଚଳେ, କୃଷକ ତରୁଣ ____________?

i) ଜଗିବା ପାଇଁ ii) ରାତ୍ରଶୟନ ପାଇଁ

iii) ଲୁଚି ଯିବା ପାଇଁ iv) ଖୁସିହେବା ପାଇଁ

(ପ) ଗ୍ରାମପଥର ସେପାଖେ କ'ଣ ଥାଏ?

i) ପୋଖରୀ ii) କ୍ଷେତ

iii) ଗୋରୁ ଗୋଠ iv) ପଡିଆ

(ଫ) ନୀଚ ମଧ୍ୟେ ________ ସୃଷ୍ଟି, ବିଧାତାର ବିଚାର |

i) ହୀନ ii) ମଧ୍ୟମ

iii) ଉଚ୍ଚ iv) ବିଚାର

(ବ) ତୁମେ ଆଉ ମଣିଷ ହେବନି ବୋଲି ନବଘନକୁ କିଏ କହିଥିଲେ?

i) ବେବି ii) ନେଲି

iii) ହେମ iv) ପ୍ରବୀର

(ଭ) ରିଟାୟାର୍ଡ଼ କରିବା ପର ଠାରୁ କାହା ମୁଣ୍ଡ କାମ କରୁନଥିଲା?

i) ଶକୁନ୍ତଳା ii) ହେମ

iii) ପ୍ରଭାକର iv) ନରହରି

(ମ) ନବଘନ ବାବୁ କେଉଁ ବିଭାଗରେ ଜଣେ ପଦସ୍ଥ ଅଫିସର ଥିଲେ?

i) ଡାକ ବିଭାଗ ii) ଟିକସ ବିଭାଗ

iii) ବାଣିଜ୍ୟ କର iv) ବିକ୍ରିକର ବିଭାଗ

(ଯ) ହଲାଇଲା ପାଣିକୁ ଚାହିଁ କିଏ ଗାଲରେ ହଳଦୀ ମାଖେ?

i) ବୋହୂ ii) ନଣନ୍ଦ

iii) ଗ୍ରାମ୍ୟ କିଶୋରୀ iv) ଯେ କେହି ଜଣେ

(ର) ଭୀଷ୍ମ କାହା କଥା ଶୁଣି ହସି ଉଠିଲେ?

i) ଅର୍ଜୁନ ii) ଯୁଧିଷ୍ଠିର

iii) କୃଷ୍ଣ iv) ଭୀମ

(ଳ) ଆମ ପଠିତ ଭୁବନେଶ୍ୱର ବେହେରାଙ୍କ ରଚିତ ପ୍ରବନ୍ଧର ନାମ ଲେଖ?

i) ଗଣତାନ୍ତ୍ରିକ ଆଚରଣ ii) ଜାତିର ଧକ୍କା

iii) ପତାକା ଉତ୍ତୋଳନ iv) ମଣିଷ

(ଶ) ନେତାଜୀ ଭାବରେ କିଏ ପରିଚିତ?

i) ମହାତ୍ମା ଗାନ୍ଧୀ ii) ସୁଭାଷ ବୋଷ

iii) ସର୍ଦ୍ଦାର ପଟେଲ iv) ଗୋପବନ୍ଧୁ

(ସ) ୧୯୩୦ ଲବଣ ସତ୍ୟାଗ୍ରହରେ ଓଡ଼ିଶାର କେଉଁ ନାରୀନେତ୍ରୀ ନେତୃତ୍ୱ ନେଇଥିଲେ?

i) ସୀତା ଦେବୀ ii) ରମାଦେବୀ

iii) ଚଞ୍ଚଳା ଦେବୀ iv) ସାରଳା ଦେବୀ

## (ବିଭାଗ - ଖ)

**୨. (କ) ନିମ୍ନଲିଖିତ ପ୍ରଶ୍ନର ଉତ୍ତରଦିଅ -**

i) 'ଉତ୍କଳସନ୍ତାନ' କବିତାର କବିଙ୍କ ନାମଲେଖ? (୧x୧)

ii) ଭୀଷ୍ମ କାହାକୁ ଉପଦେଶ ଦେଇଥିଲେ? (୧x୧)

iii) ସନ୍ୟାସୀ ସେ କି ବିତରୀ କରୁଣଧନ - କାହା ଉଦ୍ଦେଶ୍ୟରେ କୁହାଯାଇଛି? (୧x୧)

କିମ୍ବା

(iv) ଆସିବା ଜନର ସାକ୍ଷୀ ଏହି ପଥ, ଫେରିବା ଜନର ବନ୍ଧୁ କିଏ?

v) ଶେଫାଳି ପ୍ରତି କବିତାର କବି କିଏ? (୧x୧)

କିମ୍ବା

vi) ଶେଫାଳି ଫୁଲ କେତେବେଳେ ଫୁଟେ?

vii) କୁକୁର ପ୍ରକୃତି କାହାର ବୋଲି କବି କହିଛନ୍ତି? (୧x୧)

କିମ୍ବା

viii) କାହାକୁ ଅନ୍ଧାର ଗୋହରୀ ବୋଲି କୁହାଯାଇଛି?

**(ଖ) ଅନୁଚ୍ଛେଦଟି ପାଠକରି ନିର୍ଦ୍ଦେଶ ମୁତାବକ ଉତ୍ତର ଦିଅ (ଯେ କୌଣସି ୨ଟି ର)** (୧x୨)

ଜ୍ଞାନୀମାନେ କହନ୍ତି ଯେ, ଏ ସଂସାରରେ ଗୋଟିଏ ଖେଳଘର ଓ ତହିଁରେ ସମସ୍ତେ ନାନା ରକମର ଖେଳ ଖେଳୁଛନ୍ତି: କେବେ ଦଳ ଦଳ ହୋଇ ଅଥବା କେବେ ବ୍ୟକ୍ତିଗତ ଭାବରେ | ଏମାନଙ୍କ ମତ ଯେ, କେତେକ ଖେଳାଳି ହାରଜିତକୁ ସମାନ ଆଖିରେ ଦେଖି ଖେଳର ନିୟମକାନୁନ ମାନି ଖେଳୁଥିବା ବେଳେ କୌଣସି ମତେ ଜିଣିବା ଉଦ୍ଦେଶ୍ୟ ନେଇ ଖେଳୁଥିବା ଅନ୍ୟ କେହି ଖେଳାଳି ଅନ୍ୟମାନଙ୍କର ଗୋଡ ଟାଣିବାରେ ଲାଗିଯାଉଛନ୍ତି | ଭଲ ହେଉ ଅଥବା ମନ୍ଦ ହେଉ , ଏ ସବୁ କିନ୍ତୁ ଗୋଟିଏ ଗୋଟିଏ ଖେଳ |

(i) କାହାମତରେ ସଂସାର ଏକ ଖେଳଘର?

(ii) କିଏ କାହାର ଗୋଡ ଟାଣି ଦିଅନ୍ତି?

(iii) ସଂସାର ଖେଳ ଘରର ଖେଳାଳି କିଏ?

**(ଗ) ସଠିକ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣ କର?** (୧x୧)

ସଂସାର ଏକ __________ |

i) କାଚ ଘର ii) ଧୂଳି ଘର iii) ଖେଳ ଘର iv) ନାଟ ଘର

**(ଘ) 'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭ ମିଳନ କର |** (୧x୪ = ୪)

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| i) ପତାକା ଉତ୍ତୋଳନ | i) ନନ୍ଦକିଶୋର ବଳ |
| ii) ଉତ୍କଳ ସନ୍ତାନ | ii) କୁନ୍ତଳା କୁମାରୀ ସାବତ |
| iii) ଡାଆଣିଆ ଖରା | iii) ମଧୁସୂଦନ ଦାସ |
| iv) ଶେଫାଳି ପ୍ରତି | iv) ସୁରେନ୍ଦ୍ର ମହାନ୍ତି |

## (ବିଭାଗ - ଗ)

**୩. ଯେ କୌଣସି ୫ଟି ଉତ୍ତର ଲେଖ |** (୧x୫ = ୫)

(କ) ପାଦଠାରୁ ମସ୍ତକ ପର୍ଯ୍ୟନ୍ତ - ଏକ ପଦରେ ପ୍ରକାଶ କର |

(ଖ) ବିମାନ ପରିଚାଳନାରେ ଦକ୍ଷ ବ୍ୟକ୍ତିଙ୍କୁ କ'ଣ କୁହାଯାଏ?

(ଗ) 'ରୋଗୀର' ବିପରୀତ ଶବ୍ଦଟି ଲେଖ |

(ଘ) ବାଳକ ଠୁଁ ବୃଦ୍ଧ ବନିତା ପର୍ଯ୍ୟନ୍ତ - ଏକ ପଦରେ ପ୍ରକାଶ କର |

(ଙ) ଚିଠି ଲେଖିଲା ବେଳେ ପ୍ରେରକଙ୍କ ନାମ ଲଫାପାର କେଉଁ ପଟେ ଲେଖାଯାଏ?

(ଚ) 'ଛାତିକୁ ପଥର କରିବା' - ରୂଢିଟିର ଅର୍ଥ ଲେଖ?

(ଛ) 'କର୍ମୀ' ଶବ୍ଦର ବିପରୀତ ଅର୍ଥବୋଧକ ଶବ୍ଦଟି କ'ଣ ହେବ?

(ଜ) 'ଜ୍ଞାନୀ'ର ବିପରୀତ ଅର୍ଥବୋଧକ ଶବ୍ଦଟି କ'ଣ ହେବ ଲେଖ |

**୪. ନିମ୍ନଲିଖିତ ୫ଟି ଶବ୍ଦର ଶୁଦ୍ଧ ରୂପ ଲେଖ |** (୧x୫ = ୫)

(କ) ତୃଟି

(ଖ) ଅମୀୟ

(ଗ) ମାମୁଁ

(ଘ) ଭୌଗଳିକ

(ଙ) ସଂଜମ

(ଚ) ବିଷର୍ଣ୍ଣ

(ଛ) ପରିସ୍କାର

(ଜ) ଗଣେଷ

**୫. ନିମ୍ନ ଲିଖିତ ୫ଟି ଶବ୍ଦର ବିଶେଷ୍ୟ, ବିଶେଷଣ ଚିହ୍ନାଇ ଦିଅ |** (୧x ୫ = ୫)

(କ) ପରଂପରା

(ଖ) କୁଳ

(ଗ) ଐଶ୍ୱରୀକ

(ଘ) ଆଞ୍ଚଳିକ

(ଙ) ମଦୁଆ

(ଚ) ଗ୍ରହଣ

(ଛ) ଶିକ୍ଷା

(ଜ) ଗାତ

**୬. ଯେକୌଣସି ୩ଟି ରୂଢି କୁ ବାକ୍ୟରେ ପ୍ରୟୋଗ କର |** (୧x୩ = ୩)

(କ) ଆଖି ବୁଜିବା

(ଖ) କପାଳ ଫାଟିବା

(ଗ) ଖିଅ କାଢ଼ିବା

(ଘ) ଚିତା କାଟିବା

(ଙ) ପିଠିରେ ପଡିବା

## (ବିଭାଗ - ଘ)

**୭. ଯେ କୌଣସି ୧୦ଟି ପ୍ରଶ୍ନର ଉତ୍ତର ଦିଅ ।** (୨x୧୦ = ୨୦)

(କ) ଗଧ ଖଟଣି ଖଟେ, କୁକୁର ପାଦ ଚାଟେ, ଆଉ ମଣିଷ କ'ଣ କରେ?

(ଖ) ହାତୀ ଦେଖୁଥିବା ଅନ୍ଧଙ୍କ ମଧ୍ୟରେ କଳହ କାହିଁକି ହେଲା?

(ଗ) ଭୀମଭୋଇ କ'ଣ ଗାଇଥିଲେ?

(ଘ) ଶ୍ରେଷ୍ଠ ମଣିଷ କିଏ?

(ଙ) କିଏ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ଜୟ କରିଥିଲେ?

(ଚ) କେଉଁମାନେ ଚିକିତ୍ସକ ହେଲେ ଶବ ପ୍ରାଣ ପାଏ ନାହିଁ ବୋଲି କବି କହିଛନ୍ତି?

(ଛ) ପଦ୍ମ ଓ ମୁକ୍ତା କେଉଁଠାରେ ସୃଷ୍ଟି ହୁଅନ୍ତି?

(ଜ) ମାମୁଘର ଗାଁ କେଉଁଠାରୁ ଦେଖାଯାଏ?

(ଝ) ଶିମୁଳି ଶାଖାରେ କପୋତୀର ବାହୁନା ସ୍ୱର କିପରି?

(ଞ) ଉଲଙ୍ଗ ଶିଶୁ ସମ ବୋଲି କାହାକୁ କୁହାଯାଇଛି?

(ଟ) ମିସେସ ସିହ୍ନା ତାଙ୍କ ପୁଅର ଜନ୍ମଦିନରେ କେଉଁ ଭଳି କେକ ପ୍ରସ୍ତୁତ କରିଥିଲେ?

(ଠ) ସମସ୍ତେ ତ ଏକା ଲାଉର ମଞ୍ଜି - କେଉଁ ମାନେ?

**୮. ଯେ କୌଣସି ୫ଟି ପ୍ରଶ୍ନର ଉତ୍ତର ଦିଅ ।** (୩x୫ = ୧୫)

(କ) ପୁତ୍ରହତ୍ୟାକୁ ରାୟ ବହାଦୁର କର୍ତ୍ତବ୍ୟର ସାଧନା ବୋଲି କାହିଁକି ଭାବୁଥିଲେ?

(ଖ) ନାରିସେନାର ଜାତି କାହିଁକି ଚାଲିଗଲା?

(ଗ) ହେମାଙ୍ଗିନୀଙ୍କ ମତରେ ଝିଅମାନଙ୍କୁ ସ୍ୱାଧୀନତା କେଉଁଥିପାଇଁ ଦିଆଯିବ ଉଚିତ?

(ଘ) “ଆସିବା ଜନର ସାକ୍ଷୀ ଏଇ ପଥ ଫେରିବା ଜନର ବନ୍ଧୁ” - ସଂକ୍ଷେପରେ ଭାବ ସମ୍ପ୍ରସାରଣ କର |

(ଙ) କଇଁ ପୋଖରୀ ଗାଧୁଆ ତୁଠର ସକାଳ ସ୍ନାନର ଦୃଶ୍ୟ ବର୍ଣ୍ଣନା କର?

(ଚ) ତୋଷାମଦକାରୀର ପ୍ରକୃତି କ'ଣ ଏବଂ ସେମାନଙ୍କ କାର୍ଯ୍ୟଧାରା କ'ଣ କବିତା ଆଧାରରେ ଆଲୋଚନା କର |

(ଛ) ଗାଡ଼ିରେ ଫେରିବା ବେଳେ ରାତିରେ ଭୂତ ଗପ କଥା ହେବା ଭଲ ବୋଲି ଗାଳ୍ପିକ କାହିଁକି କହିଛନ୍ତି?

## (ବିଭାଗ - ଙ)

୯. ପରୀକ୍ଷା ନିମନ୍ତେ ତୁମେ କିପରି ନିଜକୁ ପ୍ରସ୍ତୁତ କରିଛ ତାହା ଉଲ୍ଲେଖ କରି ସାଙ୍ଗ ନିକଟକୁ ପତ୍ର ଲେଖ | (୧x୪ = ୪)

(କିମ୍ବା)

ଜୀବନର ଲକ୍ଷ୍ୟ ବର୍ଣ୍ଣନା କରି ପିତାଙ୍କ ନିକଟକୁ ପତ୍ର ଲେଖ |

୧୦. ଗ୍ରାମରେ ନଳକୂପ ଖନନ ପାଇଁ ସମ୍ପୃକ୍ତ ଅଧିକାରୀଙ୍କ ନିକଟକୁ ଦରଖାସ୍ତ ଲେଖ |

(କିମ୍ବା) (୧x ୫ = ୫)

ଭଉଣୀ ବାହାଘର ନିମନ୍ତେ ଛୁଟି ନେବା ପାଇଁ ଅଧ୍ୟକ୍ଷଙ୍କ ନିକଟକୁ ଦରଖାସ୍ତ ଲେଖ |

୧୧. ସକାଳର ମେଘ ଏକାଙ୍କିକାର ନାମକରଣର ସାର୍ଥକତା ପ୍ରତିପାଦନ କର | ( ୧x୬ = ୬)

(କିମ୍ବା)

'ଛାତ୍ରର ସାମାଜିକ ଦାୟିତ୍ୱ କ'ଣ ହେବା ଉଚିତ' - ଆକଳନ କର |

(କିମ୍ବା)

ଆଜିର ପ୍ରଦୂଷିତ ବିଶ୍ୱପରିବେଶ ସଂପର୍କରେ ଏକ ନାତିଦୀର୍ଘ ସନ୍ଦର୍ଭ ଲେଖ |

# Marking Scheme - 305 (ଉତ୍ତର)

## (ବିଭାଗ - କ)

୧. କ) (ii) ବିଜ୍ଞାନ

ଖ) (ii) ସଂସ୍କୃତ

ଗ) (ii) ଗ୍ରାମପଥକୁ

ଘ) (ii) ଗଣେଶ୍ୱର ମିଶ୍ର

ଙ) (iv) ସ୍ୱାର୍ଥ

ଚ) (iv) ସାହିତ୍ୟ

ଛ) (iii) ଆର୍ଥନୀତିକ

ଜ) (ii) ଆକୁଳି

ଝ) (iii) ଶାନ୍ତି ପର୍ବ

ଞ) (iii) ଅପର୍ଣ୍ଣା

ଟ) (iii) ଇଞ୍ଜିନ

ଠ) (ii) ପରଂପରା

ଡ) (ii) ଅଶୋକ

ଢ) (iv) ପରିବେଶ ସୁରକ୍ଷା

ଣ) (ii) ସୁରେନ୍ଦ୍ର ମହାନ୍ତି

ତ) (i) ଆନ୍ତର୍ଜାତିକ ମହିଳା ଦିବସ

ଥ) (iv) ପଶ୍ଚିମ ଦିଗ

ଦ) (i) ପଦ୍ମ

ଧ) (i) ଗ୍ରାମପଥ

ନ) (ii) ରାତ୍ରଶୟନ ପାଇଁ

ପ) (ii) କ୍ଷେତ

ଫ) (iii) ଉଚ୍ଚ

ବ) (iii) ହେମ

ଭ) (iii) ପ୍ରଭାକର

ମ) (iv) ବିକ୍ରିକର ବିଭାଗ

ଯ) (ii) ନଣନ୍ଦ

ର) (ii) ଯୁଧିଷ୍ଠିର

ଳ) (iv) ମଣିଷ

ଶ) (ii) ସୁବାଷ ବୋଷ

ସ) (ii) ରମାଦେବୀ

## (ବିଭାଗ - ଖ)

**ନଂ-୨ (କ)** (i) କୁଳବୃଦ୍ଧ ମଧୁସୂଦନ ଦାସ

(ii) ଯୁଧିଷ୍ଠିରଙ୍କୁ

(iii) ଗ୍ରାମପଥ ଉଦ୍ଦେଶ୍ୟରେ

କିମ୍ବା

(iv) ଗ୍ରାମପଥ

(v) ନାରୀକବି କୁନ୍ତଳା କୁମାରୀ ସାବତ

(vi) ସନ୍ଧ୍ୟାରେ

(vii) ତୋଷାମଦିଆର

କିମ୍ବା

(viii) ତୋଷାମଦକୁ

**(ଖ)** (i) ଜ୍ଞାନୀଙ୍କ ମତରେ

(ii) ଅସହିଷ୍ଣୁ ସହଖେଳାଳି

(iii) ମଣିଷ

**(ଗ)** ଖେଳଘର

**(ଘ)** (i) - (iv)

(ii) - (iii)

(iii) - (i)

(iv) - (ii)

# (ବିଭାଗ -ଗ)

**ନଂ-୩** (କ) ଆପାଦମସ୍ତକ

(ଖ) ବୈମାନିକ

(ଗ) ନିରୋଗ

(ଘ) ଆବାଳବୃଦ୍ଧବନିତା

(ଙ) ବାମପଟେ

(ଚ) ଧୈର୍ଯ୍ୟ ଧରିବା

(ଛ) ଅକର୍ମା

(ଜ) ଅଜ୍ଞାନ

**ନଂ-୪** (କ) ତ୍ରୁଟି

(ଖ) ଅମିୟ

(ଗ) ମାମୁ

(ଘ) ଭୌଗୋଳିକ

(ଙ) ସଂଯମ

(ଚ) ବିଷଣ୍ଣ

(ଛ) ଗଣେଶ

**ନଂ-୫** (କ) ପାରମ୍ପରିକ

(ଖ) କୌଳିକ

(ଗ) ଈଶ୍ୱର

(ଘ) ଅଞ୍ଚଳ

(ଙ) ମଦ

(ଚ) ଗ୍ରହଣୀୟ

(ଛ) ଶିକ୍ଷିତ

(ଜ) ଗାଡୁଆ

**ନଂ-୬** (କ) ମୃତ୍ୟୁ ଲାଭ କରିବା

(ଖ) ସର୍ବନାଶ ହେବା

(ଗ) ଦୋଷ ଖୋଜିବା

(ଘ) ଠକି ଦେବା

(ଙ) ସାହା ହେବା

## (ବିଭାଗ - ଘ)

**ନଂ-୭** (କ) ମଣିଷ ଫଣା ଟେକେ

(ଖ) ପ୍ରତ୍ୟେକ ଅନ୍ଧ ହାତୀର ଗୋଟିଏ ଅଙ୍ଗକୁ ଯେମିତି ଅନୁଭବ କଲେ ସମୁଦାୟ ହାତୀଟି ସେଭଳି ବୋଲି ଚିହ୍ନିଲେ | ସମସ୍ତେ ଅନୁମାନ ଉପରେ ନିର୍ଭର କରୁଥିବାରୁ ଏକ ମତ ନହୋଇ କଳହ ହେଲା |

(ଗ) ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କିବା ସହୁ

ମୋ ଜୀବନ ପଛେ ନର୍କେ ପଡିଥାଉ, ଜଗତ ଉଦ୍ଧାର ହେଉ |

(ଘ) ଯେ ନିଜ କଷ୍ଟ ସହି ଅନ୍ୟକୁ ସାହାଯ୍ୟ ହୁଅନ୍ତି |

(ଙ) ଉତ୍କଳୀୟଙ୍କ ପୂର୍ବପୁରୁଷମାନେ ଗଙ୍ଗାଠାରୁ ଗୋଦାବରୀ ଜୟ କରି ଉତ୍କଳର ସାମ୍ରାଜ୍ୟ ବୃଦ୍ଧି କରିଥିଲେ |

(ଚ) ଶାଗୁଣା ବିଲୁଆ

(ଛ) ପଙ୍କରୁ ପଦ୍ମ ଏବଂ ଶାମୁକାରୁ ମୁକ୍ତା

(ଜ) କ୍ଷେତ ପରେ କ୍ଷେତ, ବେଣାପାଟ ପାଟ ଆଉ ବଣ ପାରି ହେଲେ ମାମୁଘର ଗାଁ ଦିଶେ |

(ଝ) ଉଠ୍ ପୁତା ଉଠ୍ | ଉଠ୍ ପୁରିଲାଣି ମାଣ |

(ଞ) ଗ୍ରାମପଥ

(ଟ) ଲିଙ୍ଗରାଜ ମନ୍ଦିର ପରି କେକ୍

(ଠ) ସରକାରୀ ଚାକିରୀଆମାନେ

**ନଂ-୮** (କ) ଗଳ୍ପ - ପତାକା ଉତ୍ତୋଳନ

ଗାଳ୍ପିକ - ସୁରେନ୍ଦ୍ର ମହାନ୍ତି

ବ୍ରିଟିଶ୍ ସରକାରଙ୍କ ଅଧୀନରେ ପୋଲିସ୍ ଚାକିରୀ କରିଥିବାରୁ ଓ କର୍ତ୍ତବ୍ୟରେ ଥାଇ ନିଜ ପୁତ୍ରକୁ ଗୁଳି ମାରିଥିବାରୁ ଏହାକୁ କର୍ତ୍ତବ୍ୟର ସାଧନା ଭାବୁଥିଲେ |

(ଖ) ଗଳ୍ପ - ଜାତିର ଧକକା

ଗାଳ୍ପିକ - ପଣ୍ଡିତ ଗୋଦାବରୀଶ ମହାପାତ୍ର

ବିଭିନ୍ନ ଜାତିର କୁଳିମାନଙ୍କ ସହ ବସି ଖାଇଥିବାରୁ |

(ଗ) ଏକାଙ୍କିକା - ସକାଳର ମେଳ

ନାଟ୍ୟକାର - ରମେଶ ପ୍ରସାଦ ପାଣିଗ୍ରାହୀ

ହେମାଙ୍ଗିନୀର ମତରେ ଝିଅମାନଙ୍କୁ ସ୍ୱାଧୀନତା ଦେଲେ ସେମାନେ ଆଧୁନିକ ରୁଚି ସଂପନ୍ନା ହେବେ |

(ଘ) କବିତା - ଗ୍ରାମପଥ

କବି - ବିନୋଦ କାନୁନଗୋ

ଜନ୍ମ ନେବାଠାରୁ ମୃତ୍ୟୁ ପର୍ଯ୍ୟନ୍ତ ମଣିଷର ସ୍ୱାଭାବିକ ବନ୍ଧୁ ହେଉଛି ତା'ର ଗ୍ରାମପଥ | ତେଣୁ କୁହାଯାଇଛି......

(ଙ) କବିତା - ଗ୍ରାମପଥ

କବି - ବିନୋଦ କାନୁନଗୋ

ସକାଳର କଇଁ ପୋଖରୀ ଭୁଆସୁଣୀ ଗାଧୁଆ ତୁଠରେ ପାହୁଡ ମାଜେ, ମୁକୁଳା ବେଣୀକୁ ମେଥିଦେଇ ପଖାଳେ, ଆଉ ତା'ର ନଣନ୍ଦ ହଲିଲା ପାଣିରେ ମୁହଁ ଦେଖି ଗାଲରେ ହଳଦୀ ମାଖେ |

(ଚ) କବିତା - ଉତ୍କଳ ସନ୍ତାନ

କବି - ମଧୁସୂଦନ ଦାସ

ତୋଷାମଦିଆର କୁକୁର ପ୍ରକୃତି | ତୋଷାମଦିଆ ପାଗଳ କୁକୁର ଭଳି ବିଶ୍ୱସ୍ତ ଭାବେ ମାଲିକର ଗୋଡ ଚାଟୁ ଚାଟୁ ବିଷ ବୋଲି ଦେଇଥାଏ, ଶେଷରେ କବି ତୋଷାମଦକୁ ଅନ୍ଧାର ଗୋହିରୀ ସହିତ ତୁଳନା କରଛନ୍ତି ଓ ତୋଷାମଦିଅ ସ୍ୱାର୍ଥ ପାଇଁ ସରଳ ପଥିକକୁ ନାଶ କରେ ବୋଲି କହିଛନ୍ତି |

(ଛ) ବିଷୟ - ଭୁତମାନେ କ'ଣ କରନ୍ତି

ଲେଖକ - ଡ଼. ଗଣେଶ୍ୱର ମିଶ୍ର

ବିଳମ୍ବିତ ରାତିରେ ଫେରିବା ବେଳେ କାର ଡ୍ରାଇଭର ଓ ସହଯାତ୍ରୀଙ୍କୁ ନିଦ ନ ଆସିବା ପାଇଁ ଭୂତ ଗପ କହିଥିଲେ |

## (ବିଭାଗ - ଙ)

**ନଂ-୯** ଡାହାଣ ପଟେ ସ୍ଥାନ, ତାରିଖ |

ସମ୍ବୋଧନ ପରେ କମା |

ଉପସଂହାର ଓ ଠିକଣା |

ବାମପଟେ ପ୍ରେରକ ଓ ଡାହାଣ ପଟେ ପ୍ରାପକ |

**ନଂ-୧୦** ଦରଖାସ୍ତ ଲିଖନର ନିୟମ ରହିବ ଉଚିତ |

**ନଂ-୧୧** ନାଟକ ଓ ନାଟ୍ୟକାର ନାମ ସୂଚନା ସହିତ ଏକାଙ୍କିକାର ମର୍ମବାଣୀ ସୂଚୀତ ହେବା ବିଧେୟ |

କିମ୍ବା

ପ୍ରବନ୍ଧ ଲିଖନର ଧାରା ଓ ପ୍ରବନ୍ଧର ଅଭିବ୍ୟକ୍ତିକୁ ନେଇ ବିଚାର କରାଯିବ |

କିମ୍ବା

ତଦ୍ରୈବ